ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୂଲ୍ୟ: ୧୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ



## ଆଇଆଇଟିର ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ



ଜଟଣୀ, (ପିଏନ୍ଏସ୍) : କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଆଇଟିର ଟିକାକରଣ ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ ତ୍ୱରାନ୍ୱିତ ହୋଇଛି । ମହାମାରୀ କରୋନା ସଂକ୍ରମଣରୁ ସୁରକ୍ଷାଲାଗି ଅନୁଷ୍ଠାନର ଛାତ୍ରଛାତ୍ରୀ,ଫାକଲ୍ଟି,କର୍ମଚାରୀ,ଗୃହରକ୍ଷୀ ଓ ଅନ୍ୟାନ୍ୟ ମାନଙ୍କୁ ଏହି ଟିକାକରଣରେ ସାମିଲ କରାଯାଇଥିଲା । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣର ସହଯୋଗରେ ସ୍ଲଟ ମାଧ୍ୟମରେ ପଞ୍ଜିକୃତ କରାଯାଇ ଟିକାକରଣ କରାଯାଇଥିଲା । ଏନେଇ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜା କୁମାର କହିଛନ୍ତି ଯେ, ମହାମାରୀ କରୋନା ସଂକ୍ରମଣରେ ସାରା ବିଶ୍ୱ ଛଟପଟ ହେଉଥିବାବେଳେ ଆଇଆଇଟିକୁ ସୁରକ୍ଷା ଦେବା ଦୃଷ୍ଟିରୁ ଟିକାକରଣ କରାଯାଇଥିଲା । ଏହିସହିତ ଯେଉଁମାନେ ସ୍ୱତନ୍ତ୍ରଭାବେ ଘରେ ରହିଛନ୍ତି ସେମାନେ ମଧ୍ୟ ଟିକା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ କରନ୍ତୁ । ଗତ ୨୦୨୦ ମସିହାର ମହାମାରୀ କୋଭିଡରେ ଜଣେ ଆକ୍ରାନ୍ତ ହେବା ପରଠାରୁ ନେଇ ଆଇଆଇଟି ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିଛି । ଏହି ସହିତ ସରକାରଙ୍କ ସମସ୍ତ ଗାଇଡଲାଇନକୁ ଆଇଆଇଟି ଭୁବନେଶ୍ୱରର ଜଟଣୀ କ୍ୟାମ୍ପସ ବିଧିବଦ୍ଧ ଭାବେ ପାଳନ କରିଆସୁଛି ।